# ହରିଶଙ୍କର

## କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର

### ଜାନୁଆରୀ - ଡିସେମ୍ବର ୨୦୨୫

## ସମ୍ପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗୀରର ସମାଚାର ପତ୍ରିକା 'ହରିଶଙ୍କର' ପ୍ରକାଶ ପାଉଥିବା ଅବସରରେ, ମୁଁ ବିଶେଷ ଆନନ୍ଦ ଅନୁଭବ କରୁଛି । ବଲାଙ୍ଗୀର ଜିଲ୍ଲାରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବିଭିନ୍ନ ନୂତନ ଜ୍ଞାନକୌଶଳ କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ ଏବଂ କୃଷକ, କୃଷିଜିବୀ ମହିଳା ଓ ଗ୍ରାମୀଣ ଯୁବକ-ଯୁବତୀମାନଙ୍କୁ ତାଲିମ ପ୍ରଦାନରେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଭୂମିକା ଗ୍ରହଣ କରୁଛି ।

ଏହା ସହିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, କୃଷି ସମ୍ବନ୍ଧୀୟ ଉପଯୋଗୀ ସନ୍ଦେଶ, କୃଷି ମେଳା, ପାଣିପାଗ ସମ୍ବନ୍ଧୀୟ ସନ୍ଦେଶ, ଜ୍ଞାନକୌଶଳ ବିକାଶ ତାଲିମ ଏବଂ ତୈଳବିଜ ଫସଲରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ନିରନ୍ତର କାର୍ଯ୍ୟ କରୁଛି । କୃଷି ବିଜ୍ଞାନ କେନ୍ଦ୍ରରୁ ଉତ୍ପାଦିତ ଉନ୍ନତ ଧରଣର ଚାରା ଏବଂ ବିଶେଷକରି ଧାନର ପିଣ୍ଡ ବିହନ ଚାଷୀମାନଙ୍କର ଉନ୍ନତିରେ ସହାୟକ ହୋଇଥାଏ । କେନ୍ଦ୍ର ପରିସରରେ ଥିବା ପ୍ରଦର୍ଶନ କ୍ଷେତ୍ର ସାହାଯ୍ୟରେ କେନ୍ଦ୍ର ନିଜର ଲକ୍ଷ୍ୟ ହାସଲ ପାଇଁ ଆଗେଇ ଚାଲିଛି । କୃଷକ ଉତ୍ପାଦନ ସଂଗଠନ ଉର୍କର୍ଷ କେନ୍ଦ୍ର ମାଧ୍ୟମରେ କୃଷକ ଗୋଷ୍ଠିଙ୍କ ବୈଷୟିକ ସହାୟତା, ବଜାର ସହିତ ଯୋଡିବା ଓ ଉତ୍ପାଦନର ମାନ ବଜାୟ ରଖିବା ପାଇଁ ନିୟମିତ ପରାମର୍ଶ ଦିଆଯାଉଛି ।

ଏହି ପତ୍ରିକାର ଉନ୍ନତି କାମନା କରି ମୁଁ ଆଶା କରୁଛି ଯେ ଏହା ସମସ୍ତଙ୍କ ପାଇଁ ଉପଯୋଗୀ ହେବ ।

ପ୍ରସନ୍ନ କୁମାର ମିଶ୍ର

**ଅଧ୍ୟକ୍ଷ, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗୀରର ସମାଚାର ପତ୍ରିକା "ହରିଶଙ୍କର"ର ଏହି ସଂସ୍କରଣ ପ୍ରକାଶନ ଅବସରରେ ମୁଁ ଆନନ୍ଦ ଅନୁଭବ କରୁଛି ।

କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗୀର କୃଷି ତଥା ଆନୁସଙ୍ଗିକ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରଚାର ଓ ପ୍ରସାରଣ କରି ଜିଲ୍ଲାର କୃଷକ, କୃଷିଜୀବୀ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷକ ଉତ୍ପାଦକ ସଂଗଠନମାନଙ୍କ ଆର୍ଥିକ ମାନଦଣ୍ଡ ଉନ୍ନତି ପାଇଁ ନିରନ୍ତର ପ୍ରୟାସ କରୁଆସୁଛି ଏବଂ ଏଥିରେ ଉଲ୍ଲେଖନୀୟ ସଫଳତା ଲାଭ କରିଛି ।

କୃଷି ଯାନ୍ତ୍ରୀକରଣ, ଉନ୍ନତ ବିହନ ଓ ଚାରା ଉତ୍ପାଦନ, ଜଳବାୟୁ ସମ୍ବନ୍ଧୀୟ କୃଷି ଜ୍ଞାନର ବ୍ୟବହାର ଏବଂ ଉନ୍ନତ କ୍ଷେତ୍ର ପରିଚାଳନା ସମ୍ବନ୍ଧୀୟ ତାଲିମ ଚାଷୀମାନଙ୍କୁ ଆଧୁନିକ କୃଷି ପ୍ରଣାଳୀ ଗ୍ରହଣ କରିବାରେ ସହାୟକ ହୋଇଛି । ସଂପ୍ରସାରଣ କ୍ଷେତ୍ରରେ ମୋବାଇଲ୍ ଫୋନ୍‌ର ବ୍ୟବହାର, ସରକାରୀ ଯୋଜନା ସମ୍ବନ୍ଧୀୟ ସଚେତନତା, ସ୍ୱଚ୍ଛତା ସମ୍ବନ୍ଧୀୟ ଜନଜାଗରଣ ଏବଂ କୃଷି ପ୍ରଦର୍ଶନୀ ମାଧ୍ୟମରେ ଉନ୍ନତ ବିହନ ଓ ଉନ୍ନତ ପ୍ରଜାତି ସମ୍ବନ୍ଧୀୟ ସୂଚନା ଚାଷୀମାନଙ୍କ ନିକଟକୁ ପହଞ୍ଚାଇ ପାରାଯାଇଛି ।

ବିଗତ ବର୍ଷରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ୬୮ଟି କୃଷକ ଓ କୃଷିଜୀବୀ ମହିଳା ତାଲିମ କାର୍ଯ୍ୟକ୍ରମ, ୧୫ଟି ଗ୍ରାମୀଣ ଯୁବକ-ଯୁବତୀ ତାଲିମ କାର୍ଯ୍ୟକ୍ରମ, ୧୦ଟି ସଂପ୍ରସାରଣ କର୍ମୀ ତାଲିମ କାର୍ଯ୍ୟକ୍ରମ, ୧୦ ଟି ନୂତନ ଜ୍ଞାନ କୌଶଳର କ୍ଷେତ୍ର ପରୀକ୍ଷଣ ଏବଂ ୧୫ଟି ଉନ୍ନତ ଜ୍ଞାନ କୌଶଳର କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ଏହା ସହ ୬୦ ଜଣ ଗୋପାଳକଙ୍କୁ ଗୋପାଳନ ବିଷୟରେ ତାଲିମ ଦିଆଯାଇଛି ।

ଏହି ସମୟ ମଧ୍ୟରେ କୃଷକ ଉତ୍ପାଦକ ଗୋଷ୍ଠୀର ଅଗ୍ରଣୀ ଚାଷୀମାନଙ୍କୁ ଉନ୍ନତ କୃଷି ଜ୍ଞାନ ଦିଆଯାଇଥିବା ସହିତ ନିକଟବର୍ତ୍ତୀ ଜିଲ୍ଲାର କୃଷକମାନଙ୍କୁ ମଧ୍ୟ ନୂତନ ଜ୍ଞାନ କୌଶଳ ବିଷୟରେ ଅବଗତ କରାଯାଇଛି । ଜିଲ୍ଲାର କୃଷି, ଉଦ୍ୟାନ କୃଷି, ଜଳସେଚନ, ଜଙ୍ଗଲ ଏବଂ ପ୍ରାଣୀପାଳନ ବିଭାଗର ମିଳିତ ସହଯୋଗରେ କେନ୍ଦ୍ର ନିଜର କାର୍ଯ୍ୟକ୍ରମକୁ ସଫଳତାର ସହ ଆଗେଇ ନେଉଛି ।

ଆଶା କରୁଛୁ ଯେ, ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଦେଉଥିବା "ହରିଶଙ୍କର" ସମାଚାର ପତ୍ରିକାଟି ଚାଷୀ ଭାଇଭଉଣୀମାନଙ୍କ ଜ୍ଞାନ ବୃଦ୍ଧିରେ ସହାୟକ ହେବ ଏବଂ ଜିଲ୍ଲାର ସମସ୍ତ ବର୍ଗର ଜନସାଧାରଣଙ୍କ ମଧ୍ୟରେ ଆଦୃତ ହେବ ।

ସତ୍ୟମୟ ଶତପଥୀ

**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ**

ହରିଶଙ୍କର

## ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା କାର୍ଯ୍ୟାଳୟ ପରିସର ପରିଷ୍କାର, ପୁରୁଣା କାଗଜପତ୍ର ଓ ଫାଇଲ ବର୍ଜନ, ପ୍ରଦର୍ଶନ କ୍ଷେତ୍ରର ଯତ୍ନ ହୋଇପାରିଛି । ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଗ୍ରାମରେ ଥିବା ମନ୍ଦିର ପ୍ରାଙ୍ଗଣ, କାର୍ଯ୍ୟାଳୟ ପରିସର ଏବଂ ଗ୍ରାମର ବିଭିନ୍ନ ଅନୁଷ୍ଠାନ ସହ ଗ୍ରାମ ପରିବେଶ କିପରି ସ୍ୱଚ୍ଛ ରହିବ ସେଥିପ୍ରତି ସ୍ୱଚ୍ଛତା ସଚେତନତା ସମାରୋହ କାର୍ଯ୍ୟକ୍ରମ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମଣିଷ ବାସ କରୁଥିବା ପରିବେଷକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଓ ଗ୍ରାମ ପରିବେଶକୁ ସୁସ୍ଥ ରଖିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିଜ ପରିସର ସ୍ୱଚ୍ଛ ରଖିବା ଆବଶ୍ୟକ ତାହା ବାର୍ତ୍ତା ଲୋକଙ୍କ ପାଖକୁ ପହଞ୍ଚାଇବା ଏକ ପ୍ରୟାସ ଥିଲା ।



## ପିଣ୍ଡ ବିହନ ଉତ୍ପାଦନ



ଏହି ବର୍ଷ କୃଷି ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶନାରେ ଖରିଫ ଋତୁରେ ୬.୫ ହେକ୍ଟର ଜମିରେ ଧାନ ଫାଉଣ୍ଡେସନ୍ ବିହନ ଚାଷ (୪.୫ ହେକ୍ଟର ଜମିରେ ଧାନ କିସମ ଏମ୍.ଟି.ୟୁ.-୧୩୧୮ ଓ ୨ ହେକ୍ଟର ଜମିରେ ଧାନ ସ୍ୱର୍ଣ୍ଣ ଶକ୍ତି) ଚାଷ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷୀମାନଙ୍କ ପାଇଁ ଉଚ୍ଚ ଗୁଣମାନର ପ୍ରମାଣିତ ଫାଉଣ୍ଡେସନ୍ ବିହନ ଉପଲବ୍ଧ କରାଇବା ।



କ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ଜମି ପ୍ରସ୍ତୁତି, ଉନ୍ନତ କିସମର ବିହନ ବ୍ୟବହାର, ସମନ୍ୱିତ ସାର ପ୍ରୟୋଗ ଓ ସମନ୍ୱିତ କୀଟ ଓ ରୋଗ ପରିଚାଳନା କରାଯାଇଛି । ବିହନର ଶୁଦ୍ଧତା ଓ ଗୁଣମାନ ବଜାୟ ରଖିବା ପାଇଁ ନିୟମିତ ନିରୀକ୍ଷଣ ସହିତ ରୋଗାକ୍ରାନ୍ତ ଗଛ ଚିହ୍ନଟ କରାଯାଇଥିଲା ।

## ଧାନ ଚାଷରେ ଚକଡ଼ା ପୋକ ସହନଶୀଳ କିସମର ସଫଳ କ୍ଷେତ୍ର ପରୀକ୍ଷଣ



କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀର ତରଫରୁ ଜିଲ୍ଲାର ଚିକଲବାହାଲ, କାଳିଝରଣ ଓ ଓଡ଼ିଆପାଲ୍ଲୀ ଗ୍ରାମରେ ଧାନ ଚାଷରେ ଏକ କ୍ଷେତ୍ର ପରୀକ୍ଷଣ ଅନୁଷ୍ଠିତ ହୋଇଅଛି । ଚକଡ଼ା ପୋକ ବା ମାଟିଆ ଗୁଣ୍ଡି ପୋକର ପ୍ରାଦୁର୍ଭାବକୁ ଲକ୍ଷ୍ୟ କରି ତିନୋଟି ଚକଡ଼ାପୋକ ସହନଶୀଳ କିସମ, CR ଧାନ ୮୦୩, CR ଧାନ ୪୧୩ ଓ ହସନ୍ତ କିସମକୁ ଦିଆଯାଇଥିଲା । ଏହି ପରୀକ୍ଷଣରୁ ଦେଖାଯାଇଛି ଯେ CR ଧାନ ୮୦୩ କିସମ ଚାଷୀମାନଙ୍କ କିସମ ଅପେକ୍ଷା ୧୫% ଅଧିକ ଅମଳ ହେଇଥିଲା । ଏହି କିସମରେ ପ୍ରତି ବୁଦାରେ ଅଧିକ ପିଲ (୧୩/ହିଲ୍) ଓ ବର୍ଗମିଟରରେ ଅଧିକ କେଣ୍ଡା ଦେଖାଯାଇଥିଲା ।

## ତୈଳବୀଜ ଜାତୀୟ ଫସଲର କ୍ଷେତ୍ର ପ୍ରଦର୍ଶନ

ଚଳିତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ ଗ୍ରାମରେ ଚିନାବାଦାମ ଓ ସୋରିଷ ଚାଷ ପାଇଁ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଖରିଫ ଋତୁରେ ଚିନାବାଦାମ ଓ ଶୀତ ଋତୁରେ ସୋରିଷ ଚାଷ ପାଇଁ ବିଭିନ୍ନ ଗ୍ରାମର ଚାଷୀଙ୍କ କ୍ଷେତ୍ରରେ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଉନ୍ନତ ଜ୍ଞାନକୌଶଳ ଓ ପରିଚାଳନା ଅବଲମ୍ବନ କରି ବୈଜ୍ଞାନିକ ପଦ୍ଧତିରେ ଫସଲର ଅମଳ ବୃଦ୍ଧି କରାଯାଇପାରିଥିଲା । ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଉନ୍ନତ ଚାଷ କରି ଚାଷୀମାନଙ୍କର ଆୟ ବୃଦ୍ଧି କରାଯାଇପାରିବ, ସେଥିପାଇଁ ଏହି କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଇଥିଲା ।




**ପ୍ରକାଶକ ଓ ମୁଖ୍ୟ ସମ୍ପାଦକ :** ଡକ୍ଟର ସତ୍ୟମୟ ଶତପଥୀ (ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)
**ସମ୍ପାଦନା :** ଡକ୍ଟର ପ୍ରଭାତ କୁମାର ପାଢ଼ୀ
**ସମ୍ପାଦନା ମଣ୍ଡଳୀ :** ଶ୍ରୀ ମନୋଜ କୁମାର ବାରିକ, ଡକ୍ଟର ରୁକୈୟା ବେଗମ, ସୁଶ୍ରୀ ସୁଦର୍ଶନା କର, ଶ୍ରୀମତୀ ଦେବଶ୍ରୀ ସରକାର, ଶ୍ରୀମତୀ ସାଗରିକା ମୁନା, ଶ୍ରୀଯୁକ୍ତ ରବିନାରାୟଣ ସତପଥୀ, ଶ୍ରୀ ଜ୍ୟୋତିପ୍ରକାଶ ସାହୁ

2026020657
Publication No. : 2026020657

Printed by : Saikrupa Graphics, BBSR, Mob. : 9437177775

## ଧାନ ଚାଷରେ ସିଧାସଳଖ ବୁଣା ଯନ୍ତ୍ର



ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀର ଦ୍ୱାରା ଓଡ଼ିଆ ପାଲି ଓ ବଙ୍ଗୋମୁଣ୍ଡା ଗ୍ରାମର ୧୦ ଜଣ ଚାଷୀଙ୍କ କ୍ଷେତ୍ରରେ ଟ୍ରାକ୍ଟର ଚାଳିତ ମଲ୍ଟି-କ୍ରପ୍ ସିଡ୍ କମ୍ ଫର୍ଟିଲାଇଜର୍ ଡ୍ରିଲ୍ ମାଧ୍ୟମରେ ଧାନର ସିଧାସଳଖ ବୁଣା ର କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ପାରମ୍ପରିକ ତଳି ରୁଆ ପଦ୍ଧତି ତୁଳନାରେ ଏହି ଉପାୟରେ ଚାଷ କଲେ କାଦୁଅ କରିବା ଆବଶ୍ୟକ ହେଉନଥିବାରୁ ପ୍ରାୟ ୨୦-୩୦% ଜଳ ସାଶ୍ରୟ ହେବା ସହ ଶ୍ରମିକ ଖର୍ଚ୍ଚ ମଧ୍ୟ ବହୁଳ ଭାବେ ହ୍ରାସ ପାଉଛି । ଏହି ଯାନ୍ତ୍ରିକ ପ୍ରଣାଳୀରେ ବିହନ ହାର ହେକ୍ଟର ପିଛା ୬୫ କେଜିରୁ କମି ୫୨ କେଜି ହୋଇଥାଏ ଏବଂ ଶ୍ରମିକ ଆବଶ୍ୟକତା ହେକ୍ଟର ପିଛା ୧୦ ଜଣରୁ ମାତ୍ର ୨ ଜଣକୁ କମିଯାଏ ।ପାରମ୍ପରିକ ଲଙ୍ଗଳ ପଛରେ ବୁଣିବା ତୁଳନାରେ ଏହି ମେସିନର କାର୍ଯ୍ୟଦକ୍ଷତା ପ୍ରାୟ ତିନିଗୁଣ ଅଧିକ, ଯାହାକି ଘଣ୍ଟା ପ୍ରତି ୦.୫୦ ହେକ୍ଟର ଜମିରେ ବୁଣା କାର୍ଯ୍ୟ ସଂପୂର୍ଣ୍ଣ କରିପାରେ ।



## ଟମାଟୋ ଚାଷରେ ଆଚ୍ଛାଦନ ଓ ବୁନ୍ଦା ଜଳସେଚନ




କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀର ଦ୍ୱାରା କ୍ଷେତ୍ର ପ୍ରଦର୍ଶନ ଅନ୍ତର୍ଗତ ଟମାଟୋ ଚାଷରେ ଉନ୍ନତ ଜଳ ପରିଚାଳନା ପାଇଁ ମାୟାବାର ଓ ଉପରବାହାଲ ଗ୍ରାମର ୧୦ ଜଣ ଚାଷୀଙ୍କୁ ନେଇ ବୁନ୍ଦା ଜଳସେଚନ ଓ ମଲ୍‌ଚିଂ ପଦ୍ଧତିର ସଫଳ ପ୍ରଦର୍ଶନ କରାଯାଇଛି । ଏହି ପ୍ରଣାଳୀରେ ପାରମ୍ପରିକ ଜଳସେଚନ ତୁଳନାରେ ୫୦ ମାଇକ୍ରୋନର ମଲ୍‌ଚିଂ ପଲିଥିନ ଆଚ୍ଛାଦନ ବ୍ୟବହାର କରାଯାଉଥିବାରୁ ମାଟିର ଆଦ୍ରତା ଦୀର୍ଘ ସମୟ ପର୍ଯ୍ୟନ୍ତ ବଜାୟ ରହେ, ଯାହା ଫଳରେ ବାରମ୍ବାର ଜଳସେଚନ କରିବାର ସୂଚୀ ବା ଆବଶ୍ୟକତା ଯଥେଷ୍ଟ କମିଥାଏ । ବୁନ୍ଦା ପ୍ରଣାଳୀ ଦ୍ୱାରା ସିଧାସଳଖ ଚେର ପାଖରେ ପାଣି ପହଞ୍ଚୁଥିବାରୁ ଜଳ ଅପଚୟ ବହୁତ କମ୍ ହେବା ସହ ଅମଳରେ ୨୦% ବୃଦ୍ଧି ଘଟି ହେକ୍ଟର ପିଛା ୨୧୬ କ୍ୱିଣ୍ଟାଲ ଅମଳ ମିଳୁଛି । ଏହି ଉନ୍ନତ ଜ୍ଞାନକୌଶଳ ଆପଣେଇ ଚାଷୀମାନେ ହେକ୍ଟର ପିଛା ପ୍ରାୟ ୨,୦୩,୮୯୮ ଟଙ୍କା ଲାଭ ପାଉଛନ୍ତି, ଯାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ ସହାୟକ ହୋଇପାରିବ ।




## କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀରରେ ପ୍ରାକୃତିକ ଚାଷ ମାଧ୍ୟମରେ ପରିବେଶ-ମିତ୍ର କୃଷିର ପ୍ରୋତ୍ସାହନ

ପ୍ରାକୃତିକ କୃଷି ହେଉଛି ଏକ ପରିବେଶ-ମିତ୍ର କୃଷି ପଦ୍ଧତି, ଯେଉଁଥିରେ ରସାୟନିକ ସାର ଓ କୀଟନାଶକ ବ୍ୟବହାର କରାଯାଏ ନାହିଁ । ପ୍ରାକୃତିକ କୃଷି ପ୍ରଣାଳୀ ଚାଷୀମାନଙ୍କର ଚାଷରେ ହେଉଥିବା ଖର୍ଚ୍ଚକୁ କମ୍ କରିବାରେ ସହାୟକ ହୋଇଥାଏ । ଏହା ଚାଷୀଭାଇମାନଙ୍କ ପାଇଁ ଅଧିକ ଅମଳ, ଉପଭୋକ୍ତା ମାନଙ୍କ ପାଇଁ ରାସାୟନିକ ମୁକ୍ତ ଖାଦ୍ୟ ଓ ମୃତ୍ତିକାର ଉର୍ବରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ । କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର ଦ୍ୱାରା ପ୍ରାକୃତିକ ଚାଷ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରାକୃତିକ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମୁଦାୟ ୪୦ ଜଣ କର୍ମୀ ମାନଙ୍କୁ ଅନ୍ତର୍ଭୁକ୍ତ କରାଇ ଜୀବାମୃତ, ଘନଜୀବାମୃତ ଓ ବିଜାମୃତ ତିଆରି ପ୍ରକ୍ରିୟା ପ୍ରଶିକ୍ଷିତ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀର ଫାର୍ମରେ ପ୍ରୟୋଗାତ୍ମକ ଭାବେ ସୁଗନ୍ଧିତ ଧାନ 'କଳିକତି' କୁ ପ୍ରାକୃତିକ ପଦ୍ଧତିରେ ଚାଷ କରି ପ୍ରଦର୍ଶନ କରାଯାଇଥିଲା ।





## ଚିନାବାଦାମ ବୁଣା ପାଇଁ ଯାନ୍ତ୍ରିକ ପ୍ରଣାଳୀ

ମାୟାବାର ଗ୍ରାମର ୧୦ ଜଣ ଚାଷୀଙ୍କ କ୍ଷେତ୍ରରେ ମଲ୍ଟି-କ୍ରପ୍ ସିଡ୍ କମ୍ ଫର୍ଟିଲାଇଜର ଡ୍ରିଲ୍ ସାହାଯ୍ୟରେ ଚିନାବାଦାମ ର ଯାନ୍ତ୍ରିକ ପ୍ରଣାଳୀ ବୁଣା ର କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ଏହି ଯନ୍ତ୍ରର ବ୍ୟବହାର ଦ୍ୱାରା ବୁଣା ଖର୍ଚ୍ଚ ହେକ୍ଟର ପିଛା ୨୮୦୦ ଟଙ୍କାରୁ କମି ମାତ୍ର ୧୫୦୦ ଟଙ୍କା ହେଉଛି । ଏହା ଚାଷୀଙ୍କୁ କମ୍ ସମୟରେ ଅଧିକ ଜମିରେ ବୁଣିବା ପାଇଁ ସକ୍ଷମ କରୁଥିବା ବେଳେ ଆୟରେ ହେକ୍ଟର ପିଛା ପ୍ରାୟ ୯,୧୦୦ ଟଙ୍କାର ବୃଦ୍ଧି ଘଟାଉଛି ।







## କୃଷି ଜଳବାୟୁ ସମ୍ବନ୍ଧୀୟ ପରାମର୍ଶ ସେବା

ଆଗ୍ରୋ-ମେଟେରୋଲୋଜିକାଲ ଏଡଭାଇଜରୀ ସେବା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ ଯାହା କୃଷକ ମାନଙ୍କର ଏବଂ କୃଷି ବ୍ୟବସ୍ଥାପନାରେ ଦକ୍ଷତା ବଢ଼ାଇବାରେ ସାହାଯ୍ୟ କରେ । ଜିଲ୍ଲାସ୍ତରୀୟ କୃଷି ପାଣିପାଗ କ୍ଷେତ୍ରୀୟ ୟୁନିଟ, କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗିର ରେ ପାଣିପାଗର ପୂର୍ବାନୁମାନ, ଚାଷ ପ୍ରକାର, ଚାଷ ଉପକ୍ରମ ବିଷୟରେ ଦ୍ୱିସାପ୍ତାହିକ ସୂଚନା ପ୍ରଦାନ କରାଯାଏ । ଆଗ୍ରୋ- ମେଟେରୋଲୋଜିକାଲ ଏଡଭାଇଜରୀ ରେ ଚାଷ ବିକାଶ, କୀଟ ବିକାର, ରୋଗ ଏବଂ ସେଗୁଡିକର ପ୍ରକୃତ ଅବସ୍ଥା ବିଷୟରେ ସୂଚନା ଦିଆ ଯାଏ ଯାହା ଚାଷ ଉପକ୍ରମ ଏବଂ ବୃଦ୍ଧିତ କୀଟ ବିକାରକୁ ରୋକିବା ନିମନ୍ତେ ସାହାଯ୍ୟ କରେ । କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗିର ତରଫ ରୁ ଚାଷୀ ମାନଙ୍କୁ ଚରମ ପାଣିପାଗ ପରିସ୍ଥିତି ରୁ ରକ୍ଷା ପାଇବା ପାଇଁ ଉପଯୁକ୍ତ ଫସଲ ପ୍ରଣାଳୀ, ମରୁଡ଼ି ସହନଶୀଳ ଫସଲ ଉତ୍ପାଦନ, ପରିବର୍ତ୍ତିତ ଜଳବାୟୁରେ ରୋଗ ଓ ପୋକ ନିୟନ୍ତ୍ରଣ ଫସଲ ଉତ୍ପାଦନ ବିଷୟ ରେ ତାଲିମ ପ୍ରଦାନ କରାଯାଇଅଛି । ଯାହା ଦ୍ୱାରା ଚାଷୀ ଅନୁକୂଳ ପାଣିପାଗ ଓ ଆଗ୍ରୋ-ମେଟେରୋଲୋଜିକାଲ ଏଡଭାଇଜରୀ ସେବା କୁ ବ୍ୟବହାର କରି ଅଧିକ ଲାଭବାନ ହୋଇ ପାରିବେ ।





## ଗୋପାଳନରେ ଦକ୍ଷତା ବୃଦ୍ଧି ପାଇଁ ତାଲିମ କାର୍ଯ୍ୟକ୍ରମ



ଓଡ଼ିଶା ସରକାରଙ୍କ ପ୍ରାଣୀ ପାଳନ ବିଭାଗର ସହଯୋଗରେ ଅକ୍ଟୋବର ୨୭ ରୁ ୨୯ ଓ ଡିସେମ୍ବର ୫ ରୁ ୫ ତାରିଖ ମଧ୍ୟରେ ଦକ୍ଷତା ବୃଦ୍ଧି ନିମନ୍ତେ ତିନୋଟି ତାଲିମ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗୀର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁଇଁତଳା, ଆଗଲପୁର, ବଲାଙ୍ଗୀର, ଲୋଇସିଂହା ଓ ଅନ୍ୟାନ୍ୟ ବ୍ଲକର ୪୮ ଜଣ ପୁରୁଷ ଓ ୧୨ ଜଣ ମହିଳା ଚାଷୀଙ୍କୁ ଗୋପାଳନ ବିଷୟରେ ପୁଙ୍ଖାନୁପୁଙ୍ଖ ତାଲିମ ଦିଆଯାଇଥିଲା । ଚାଷୀମାନଙ୍କୁ ଗୋପାଳନରେ ଖାଦ୍ୟ ପରିଚାଳନା, ଘାସ ଚାଷ, ଗୃହ ଓ ଫାର୍ମ ପରିଚାଳନା ବିଷୟରେ ନୂତନ ଜ୍ଞାନ କୌଶଳ ବିଷୟରେ ତାଲିମ ଦିଆଯାଇଥିଲା ଏବଂ ବିଭିନ୍ନ ସରକାରୀ ଯୋଜନା ସଂପର୍କରେ ମଧ୍ୟ ଅବଗତ କରାଯାଇଥିଲା । ସେମାନଙ୍କୁ ଭାଲୁପାଲି, ସରଗାଡ଼ ଓ ଭାନପୁର ଠାରେ ଥିବା ସଫଳ ଗାଇ ଫାର୍ମକୁ ପରିଦର୍ଶନରେ ମଧ୍ୟ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ନାବାର୍ଡ଼ର ଜିଲ୍ଲା ମୁଖ୍ୟ ପରିଚାଳକ, ଓମଫେଡ୍ର ମହା ପ୍ରବନ୍ଧକ, ପ୍ରାଣୀ ନିରୀକ୍ଷକ ତାଲିମ କେନ୍ଦ୍ରର ଶିକ୍ଷକ ଓ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନୀକ ଓ ଅନ୍ୟାନ୍ୟ ବିଭାଗର ବୈଜ୍ଞାନିକମାନେ ପ୍ରଶିକ୍ଷଣ ଦେଇଥିଲେ ଓ କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ପ୍ରମାଣପତ୍ର ମଧ୍ୟ ଦିଆଯାଇଥିଲା ।



## କୃଷକ ଉତ୍ପାଦକ ସଂଗଠନର ସଦସ୍ୟଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ



ଚଳିତ ବର୍ଷ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନର ସି.ଇ.ଓ ଏବଂ ବୋର୍ଡ ସଦସ୍ୟଙ୍କ ପାଇଁ ଦୁଇ ପର୍ଯ୍ୟାୟରେ ଜିଲ୍ଲା ସ୍ତରୀୟ ଦୁଇଟି ତାଲିମ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ନାବାର୍ଡର ଜିଲ୍ଲା ପରିଚାଳକ, ବୈଜ୍ଞାନିକମାନେ ଯୋଗଦେଇ ସଦସ୍ୟମାନଙ୍କୁ କୃଷି ମାଧ୍ୟମରେ କୃଷକ ଉତ୍ପାଦକ ସଂଗଠନର କିଭଳି ଉନ୍ନତି ହୋଇପାରିବ ସେଥିପ୍ରତି ଆଲୋକପାତ କରିଥିଲେ । ନୂତନ ଜ୍ଞାନକୌଶଳ ଓ ପ୍ରକଳ୍ପ ମାଧ୍ୟମରେ ଚାଷର କେମିତି ଉନ୍ନତି ହୋଇପାରିବ ଏବଂ ସଠିକ୍ ପରିଚାଳନା କରି ସଂଗଠନର ଆୟ ବୃଦ୍ଧି କରାଯାଇପାରିବ ସେଥିପ୍ରତି ଦିଗଦର୍ଶନ ଦେଇଥିଲେ ।




ସଦସ୍ୟମାନଙ୍କ କୃଷି କାର୍ଯ୍ୟପାଇଁ ଆବଶ୍ୟକ କୌଶଳ ଦକ୍ଷତା ବୃଦ୍ଧି ପାଇଁ ସେମାନଙ୍କୁ ଜିଲ୍ଲା ବାହାରେ ଥିବା ସଫଳ କୃଷକ ଉତ୍ପାଦକ ସଂଗଠନକୁ ପରିଭ୍ରମଣ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସଫଳ ଚାଷୀ, ଉଦ୍ୟୋଗୀ ଚାଷୀଙ୍କ ସହ ଆଲୋଚନା କରିପାରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମ ଓ ପରିଭ୍ରମଣ କାର୍ଯ୍ୟକ୍ରମ ଗୁଡ଼ିକ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲୁଥିବା ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର ଏଫ୍.ପି.ଓ. ତରଫରୁ ଆୟୋଜନ କରାଯାଇଥିଲା ।